# ପଞ୍ଚାୟତ ସମିତି କାର୍ଯ୍ୟାଳୟ, ନବରଙ୍ଗପୁର

ନଂ- ୨୫୩୬ ତା ୧୦ / ୦୯ /୨୦୨୪

## ନିଲାମ ନୋଟିସ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ ଜିଲ୍ଲା ଯୋଗାଣ ବିଭାଗ ଦ୍ୱାରା ଜବତ କରାଯାଇଥିବା ( E.C Case No- 01/2024) ମୋଟ ୩୪୫. ୩୦ କୁଇଣ୍ଟାଲ Ragi (ମାଣ୍ଡିଆ) କୁ ଜିଲ୍ଲାପାଳ, ନବରଙ୍ଗପୁର ତଥା ଜିଲ୍ଲା ଦଣ୍ଡାଧିକାରୀଙ୍କ ଆଦେଶ ସଂଖ୍ୟା ୧୧୦୩୪ , ତା ୧୭.୦୮.୨୦୨୪ ରିଖ ପ୍ରକାରେ ଉକ୍ତ Ragi (ମାଣ୍ଡିଆ)କୁ ସର୍ବସାଧାରଣରେ ନିଲାମ ନିମନ୍ତେ ତା. 10.9.2024 ଧାର୍ଯ୍ୟ ହୋଇଥିଲା । କିନ୍ତୁ ଉକ୍ତ ମାଣ୍ଡିଆର ହାରାହାରୀ ବଜାର ଦର ଅନୁସାରେ ନିଲାମ ହୋଇପାରି ନ ଥିବାରୁ ଏହାକୁ ପୁନର୍ବାର ନିଲାମ ସକାଶେ ନିଷ୍ପତ୍ତି ନିଆଯାଇଛି ।

ତେଣୁ ଉକ୍ତ Ragi (ମାଣ୍ଡିଆ) କୁ ପନଃ ନିଲାମ କରିବାକୁ ତା 18.9.2024 ରିଖ ଦିନ ଅପରାହ୍ନ 3.00ଘଟିକା ସମୟରେ ଧାର୍ଯ୍ୟ କରାଯାଇଛି । ଇଚ୍ଛୁକ ବ୍ୟବସାୟୀ / ସଂସ୍ଥା / ବ୍ୟକ୍ତିବିଶେଷ ନିଲାମ ସମୟରେ ଟ. 100000/- (ଏକ ଲକ୍ଷ ଟଙ୍କା) ଅମାନତ ରାଶି ଜମା କରିବା ନିହାତି ଜରୁରୀ ଅଟେ, ନଚେତ ନିଲାମରେ ଅଂଶ ଗ୍ରହଣ କରିପାରିବେ ନାହିଁ। ଅମାନତ ରାଶି ଗୋଷ୍ଠୀ ଉନ୍ନୟନ ଅଧିକାରୀ, ନବରଙ୍ଗପୁର ( Block Development Officer, Nabarangpur) ଙ୍କ ନାମରେ Demand Draft ଆକାରରେ ଜମା କରିବେ। ଅଯୋଗ୍ୟ ନିଲାମଧାରୀଙ୍କ ଅମାନତ ରାଶି ସଙ୍ଗେ ସଙ୍ଗେ ଫେରସ୍ତ କରାଯିବ । ଯୋଗ୍ୟ ନିଲାମଧାରୀ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ନିଲାମ ଦ୍ରବ୍ୟ ଉଠାଣ ନ କରିପାରିଲେ ନିମ୍ନ ସ୍ୱାକ୍ଷରକାରୀ କୌଣସି କାରଣ ନ ଦର୍ଶାଇ ଅମାନତ ରାଶିକୁ ବାଜ୍ୟାପ୍ତି କରି ନିଲାମ ରଦ୍ଦ କରିପାରିବେ ।

ସୁନୀଲ ମେହେଟା ୧୦/୦୯/୨୦୨୪

ଗୋଷ୍ଠୀ ଉନ୍ନୟନ ଅଧିକାରୀ,
ନବରଙ୍ଗପୁର

ଜ୍ଞାପକସଂଖ୍ୟା ୨୫୩୭ / ତାରିଖ- ୧୦/୦୯/୨୦୨୪

ଏହାର ଏକକିତା ନକଲ DeGm Cell, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ନବରଙ୍ଗପୁରଙ୍କ ଅବଗତି ଓ ଉକ୍ତ ନୋଟିସକୁ ଜିଲ୍ଲା ୱେବ୍ ସାଇଟରେ ପ୍ରକାଶନ ନିମନ୍ତେ ଅନୁରୋଧ କରାଗଲା ।

ଏହାର ଏକକିତ ନକଲଉପ-ଜିଲ୍ଲାପାଳ/ ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ,ନବରଙ୍ଗପୁରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତ ନକଲ ଜିଲ୍ଲାପାଳ, ନବରଙ୍ଗପୁରଙ୍କ ବ୍ୟକ୍ତିଗତ ସହାୟକ କୁ ପ୍ରେରଣ କରି ଜିଲ୍ଲାପାଳ ଙ୍କୁ ଅବଗତି ନିମନ୍ତେ ଅନୁରୋଧ କରାଗଲା।

ସୁନୀଲ ମେହେଟା ୧୦/୦୯/୨୦୨୪

ଗୋଷ୍ଠୀ ଉନ୍ନୟନ ଅଧିକାରୀ,
ନବରଙ୍ଗପୁର

ବି . ଦ୍ର. – ୧ )ଉକ୍ତ ମାଣ୍ଡିଆ ବିଷୟରେ ଅଧିକ ଜାଣିବା ପାଇଁ ଯୋଗାଣ ନିରୀକ୍ଷକ, ନବରଙ୍ଗପୁର (ଶ୍ରୀ ରାଜେଶ କୁମାର ଶବର,ମୋବାଇଲ୍ ନଂ -୭୦୦୮୭୫୦୦୮୩ ) ଙ୍କ ସହିତ ଯୋଗାଯୋଗ କରନ୍ତୁ।

Scanned with OKEN Scanner